# ବସନ୍ତ କୁମାର ଦାଶ

ଜନ୍ମ: (୧୯୫୮-......) ମସିହା

ଶ୍ରୀ ବସନ୍ତ କୁମାର ମିଶ୍ର ଦର୍ଶନ ବିଭାଗରେ ରିଡ଼ର୍ ଭାବେ ଅନୁଗୁଳ କଲେଜ୍‌ରେ ଅବସ୍ଥାପିତ । ତାଙ୍କର ବହୁ ନିବନ୍ଧ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ତାଙ୍କର ପୁସ୍ତକ-

**ଫିଲୋସଫି ଅଫ୍ ଇଶୋପନିଷଦ ଏଣ୍ଡ ଦି ଗୀତା,** ପୃଷ୍ଠା-୧୩୨, ପ୍ରକାଶକାଳ-୨୦୦୮, ମୂଲ୍ୟ: ୧୦୦/-

ଦାର୍ଶନିକ ତଥ୍ୟ ଓ ତତ୍ତ୍ୱ ସମ୍ୱଳିତ ବୈଦିକ ସାହିତ୍ୟ ବିଶ୍ୱର ସର୍ବପ୍ରାଚୀନ । ଦଶଟି ଅଧ୍ୟାୟ ମାଧ୍ୟମରେ ଇଶୋପନିଷଦ ଓ ଗୀତାର ସବିଶେଷ ଆଲୋଚନା କରିଛନ୍ତି ଲେଖକ । ବୈଦିକ ସାହିତ୍ୟ, ଶ୍ରୁତି ସାହିତ୍ୟ, ଉପନିଷଦ, ଗୀତା ଶାସ୍ତ୍ର, ଜ୍ଞାନଯୋଗ ଓ ଭକ୍ତିଯୋଗର ମହାତ୍ମ୍ୟ, ଗୀତା ଶାସ୍ତ୍ରର ବୈଶିଷ୍ଟ୍ୟ ପ୍ରତିପାଦନ ସହ ଲେଖକ ଆତ୍ମା ପରମାତ୍ମା, ବିଦ୍ୟା, ଅବିଦ୍ୟା, ଜନ୍ମ-ପୁନର୍ଜନ୍ମ, ସମ୍ପର୍କରେ ଦାର୍ଶନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିଛନ୍ତି । ବିଶେଷ କରି ଇଶୋପନିଷଦ୍ ସହିତ ଗୀତାର ସମ୍ପର୍କ, ଜ୍ଞାନଯୋଗ ସହ ଭକ୍ତିଯୋଗର ଅପୂର୍ବ ସମ୍ମେଳନ କିପରି ଗୀତାକୁ ମହିମାନ୍ୱିତ କରିଛି ସେ ସମ୍ପର୍କରେ ଖୁବ୍ ସୁନ୍ଦର ଭାବେ ପ୍ରତିପାଦନ କରିଛନ୍ତି । ଇଂରାଜୀ ଭାଷାରେ ଲିଖିତ ପୁସ୍ତକଟି ଛାତ୍ର, ଶିକ୍ଷକ, ଗବେଷକ, ଜିଜ୍ଞାସୁ ପାଠକ ମହଲରେ ବେଶ୍ ଆଦୃତ ହେବବୋଲି ଆଶା ।